# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 August – 2025

### News Editor : Itishree Singh Rathaur

**********************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆଗତ ହେଲା ଅନ୍‌ଲାଇନ୍ ଗେମିଂର ପ୍ରସାର ଓ ନିୟନ୍ତ୍ରଣ ବିଲ୍-୨୦୨୫
- ନାମାଙ୍କନପତ୍ର ଦାଖଲ କଲେ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ସିପି ରାଷ୍ଟ୍ରାକ୍ରିଷ୍ଣନ୍
- ନୂଆଦିଲ୍ଲୀରେ ଓଡ଼ିଶା ଭବନ ନିର୍ମାଣ ସମ୍ପର୍କରେ ଲୋକସେବା ଭବନରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଏବଂ

- କ୍ରୁଜ ଭାରତ ମିଶନ ଯୋଜନାରେ ଓଡ଼ିଶାରେ ବିକଶିତ ହେବ ୪ଟି ରିଭର କ୍ରୁଜ ସର୍କିଟ

## ଏଲ୍‌ଏସ୍- ଅନ୍‌ଲାଇନ୍ ଗେମିଂ ବିଲ୍

ଲୋକସଭାରେ ଆଜି ଅନ୍‌ଲାଇନ୍ ଗେମିଂର ପ୍ରସାର ଓ ନିୟନ୍ତ୍ରଣ ବିଲ୍-୨୦୨୫କୁ ଇଲେକ୍‌ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଗତ କରିଛନ୍ତି । ଇ-କ୍ରୀଡ଼ା ଏବଂ ଅନ୍‌ଲାଇନ୍ ସାମାଜିକ ଖେଳକୁ ଏହି ବିଲ୍ ପ୍ରୋତ୍ସାହନ ପ୍ରଦାନ କରୁଥିବା ବେଳେ ବେଆଇନ ଆର୍ଥିକ କାରବାର, ବିଜ୍ଞାପନ ଆଦିରୁ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବ । ଏ କ୍ଷେତ୍ରରେ ରଣନୈତିକ ବିକାଶ, ନିୟାମକ ତଦାରଖ ପାଇଁ ଏକ ଅନ୍‌ଲାଇନ୍ ଗେମିଂ କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରାଯିବାର ବ୍ୟବସ୍ଥା ରହିଛି । ବ୍ୟକ୍ତିବିଶେଷ, ବିଶେଷକରି ଯୁବପିଢ଼ିଙ୍କୁ ଏହି ଖେଳର ସାମାଜିକ, ଆର୍ଥିକ, ମାନସିକ ଏବଂ ଗୋପନୀୟତା ପ୍ରତିକୂଳ ପ୍ରଭାବରୁ ସୁରକ୍ଷା ପ୍ରଦାନ କରିବା ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ସମନ୍ୱିତ ଜାତୀୟ ସ୍ତରୀୟ ଆଇନଗତ ଢାଞ୍ଚା ପ୍ରତିଷ୍ଠା ପାଇଁ ଏହି ବିଲ୍‌ରେ ବ୍ୟବସ୍ଥା ରହିଛି ।  ଅନ୍‌ଲାଇନ୍ ଗେମିଂରେ ବେଆଇନ ଆର୍ଥିକ କାରବାର ତଥା ଆଇନ ଉଲ୍ଲଂଘନ କ୍ଷେତ୍ରରେ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି ।

## ରାଧାକ୍ରିଷ୍ଣନ- ନୋମିନେସନ୍

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍.ଡି.ଏ.ର ଉପରାଷ୍ଟ୍ରପତି ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ୍ ଆଜି ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏହି

ଅବସରରେ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ରାଜନାଥ ସିଂହଙ୍କ ସମେତ ଏନଡିଏ ସହଯୋଗୀ ଦଳର ନେତାମାନେ ଉପସ୍ଥିତ ଥିଲେ । ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରିବା ପୂର୍ବରୁ ସି.ପି. ରାଧାକ୍ରିଷ୍ଣନ ସଂସଦ ଭବନ ପରିସରରେ ଥିବା ପ୍ରେରଣାସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଶ୍ରୀ ରାଧାକ୍ରିଷ୍ଣନଙ୍କୁ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ କରିବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦଳମତ ନିର୍ବିଶେଷରେ ସମସ୍ତ ସଂସଦ ସଦସ୍ୟଙ୍କର ସହଯୋଗ କାମନା କରିଛନ୍ତି ବୋଲି  ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ କହିଛନ୍ତି ।

ଅନ୍ୟପକ୍ଷରେ ଇଣ୍ଡିମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀ ଆସନ୍ତାକାଲି ତାଙ୍କର ନାମାଙ୍କନପତ୍ର ଦାଖଲ କରିବେ । ୨୨ ତାରିଖ ନାମାଙ୍କନପତ୍ର ଯାଞ୍ଚ କରାଯିବା ସହ ୨୫ ତାରିଖକୁ ପ୍ରତ୍ୟାହାରର ଶେଷ ଦିବସ ଧାର୍ଯ୍ୟ କରାଯାଇଛି । ଆସନ୍ତା ମାସ ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ ।

## ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଲୋକସେବା ଭବନରେ ନୂଆଦିଲ୍ଲୀରେ ନୂତନ ଓଡ଼ିଶା ଭବନ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ ଏହି ନୂଆ ଭବନରେ ଓଡ଼ିଶାର ସମୃଦ୍ଧ ପ୍ରସ୍ତର କାରୁକାର୍ଯ୍ୟ, ସମ୍ବଲପୁରୀ ଇକ୍କତ, ଓଡ଼ିଆ ପରମ୍ପରା ଓ ସଂସ୍କତିର ଝଲକ ପ୍ରତିଫଳିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ

ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

## ରାଜ୍ୟପାଳ-ଭଦ୍ରକ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ପିଏମ୍ ଜୀବନଜ୍ୟୋତି ବୀମା ଯୋଜନା, ପିଏମ୍ ଜନଧନ ଯୋଜନା ଆଦି କେନ୍ଦ୍ରୀୟ ଯୋଜନା ସହ ରାଜ୍ୟର ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଭଳି ଭିତ୍ତିଭୂମିର ଅଗ୍ରଗତି ଉପରେ ରାଜ୍ୟପାଳ ଆଲୋଚନା କରିଥିଲେ। ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଅଶୋକ ଦାସ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ବିପର୍ଯ୍ୟୟ ପରିଚାଳନା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କୁ ନୂଆଦିଲ୍ଲୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସାକ୍ଷାତ୍ କରି ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ନେଇ ଆଲୋଚନା କରିଛନ୍ତି। ଶ୍ରୀ ପୂଜାରୀ ଓଡ଼ିଶାରେ ୫ ଶହ ବାତ୍ୟା ଆଶ୍ରୟସ୍ଥଳୀ ପାଇଁ ୨ ହଜାର କୋଟି ଟଙ୍କାର ସହାୟତାରାଶି ଦାବି କରିଛନ୍ତି। ବିପର୍ଯ୍ୟୟ ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ୮ ହଜାର ୩୬୩ କୋଟି, ଆଗୁଆ ବିପର୍ଯ୍ୟୟ ସତର୍କ ସୂଚନା ଆଧୁନିକୀକରଣ ପାଇଁ

୨ ଶହ କୋଟି, ସମୁଦ୍ର କୂଳ ଖାଉଥିବା ଅଂଚଳର ସୁରକ୍ଷା ପାଇଁ ଶ୍ରୀ ପୂଜାରୀ କେନ୍ଦ୍ରୀୟ ଯୋଜନାରେ ଅନୁଦାନ ରାଶି ପ୍ରଦାନ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ  ଅବଗତ କରାଇଛନ୍ତି। ଏହାସହ ରାଜ୍ୟରେ ବିପର୍ଯ୍ୟୟର ସୁପରିଚାଳନା ନେଇ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସହଯୋଗ ଲୋଡିଛନ୍ତି।

## କ୍ରୁଜ ଭାରତ ମିଶନ ଯୋଜନା

କେନ୍ଦ୍ର ସରକାରଙ୍କ 'କ୍ରୁଜ ଭାରତ ମିଶନ ଯୋଜନା'ରେ ଓଡ଼ିଶାର ୪ଟି ରିଭର କ୍ରୁଜ ସର୍କିଟକୁ ବିକଶିତ କରାଯିବ। ଓଡ଼ିଶାରେ କ୍ରୁଜ ବା ଜାହାଜ ଆଧାରିତ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାର ଓଡ଼ିଶାର ଭିତରକନିକା ଜଙ୍ଗଲ, ଯୋବ୍ରା, ଲଳିତଗିରି-ଉଦୟଗିରି-ରତ୍ନଗିରି ଏବଂ ବାଲେଶ୍ୱରର ହିଡେନ୍ ବିଚ୍‌କୁ ଚିହ୍ନଟ କରିଛନ୍ତି।  ରାଜ୍ୟସଭାରେ ଏକ ମୌଖିକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ବନ୍ଦର, ଜାହଜ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଏହା କହିଛନ୍ତି।

## ଆଇଆଇଏମ୍‌ସି-ଲୋକସଭା

କେନ୍ଦ୍ର ସରକାର ଭାରତୀୟ ଜନସଂଚାର ସଂସ୍ଥାନ-ଆଇଆଇଏମ୍‌ସିର ସାମଗ୍ରିକ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଆଜି ଲୋକସଭାରେ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ.ମୁରୁଗନ୍ କହିଛନ୍ତି। ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଚଳିତ ଆର୍ଥିକବର୍ଷରେ ଆଇଆଇଏମ୍‌ସି ଢେଙ୍କାନାଳର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ସଂସ୍ଥାନର ଅଡିଓ-ଭିଡିଓ ତଥା

ପ୍ରଶାସନିକ ଏବଂ ଶୈକ୍ଷିକ ବ୍ଲକ୍‌ର ନବୀକରଣ କରାଯାଇଛି । ଏହାସହ ଆଇଆଇଏମ୍‌ସି ଢେଙ୍କାନାଳରେ ୨୦୨୫-୨୬ ଶିକ୍ଷାବର୍ଷରେ ନୂତନ ପାଠ୍ୟକ୍ରମ କର୍ପୋରେଟ୍ କମ୍ୟୁନିକେଶନ ଏବଂ ବ୍ରାଣ୍ଡ ମ୍ୟାନେଜମେଣ୍ଟରେ ଶିକ୍ଷାଦାନ ଆରମ୍ଭ ହୋଇଛି । ଆଇଆଇଏମ୍‌ସିକୁ ୨୦୨୪ ମସିହା ଜାନୁୟାରୀ ମାସ ୩୧ ତାରିଖରେ ଡିମ୍‌ଡ୍‌ଟୁବି ୟୁନିଭର୍ସିଟିର ମାନ୍ୟତା ମିଳିଥିଲା ।

## ମେଟ୍ରୋ ପ୍ରକଳ୍ପ

କେନ୍ଦ୍ର ସରକାରଙ୍କ ସହଯୋଗ ଓ ପରାମର୍ଶରେ ରାଜ୍ୟରେ ମେଟ୍ରୋ ରେଳପ୍ରକଳ୍ପ ନିର୍ମାଣ କରାଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ମେଟ୍ରୋ ପ୍ରକଳ୍ପ ନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଛି ।  ଏ ନେଇ ଏକ କମିଟି ଗଠନ କରାଯାଇଛି । କମିଟି ବିଭିନ୍ନ ସ୍ଥାନକୁ ଯାଇ ସର୍ଭେ କରି ରିପୋର୍ଟ ପ୍ରଦାନ କରିବା ପରେ କେନ୍ଦ୍ରକୁ ଆର୍ଥିକ ସହାୟତା ଏବଂ ରାଜ୍ୟର ଖର୍ଚ୍ଚ ଉପରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

**- V/O - (କୃଷ୍ଣଚନ୍ଦ୍ର ମହାପାତ୍ର)**

## ବିପର୍ଯ୍ୟୟ-ଗଞ୍ଜାମ

ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ **ଗଞ୍ଜାମ** ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଗୋପାଳପୁରଠାରେ

ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀଙ୍କୁ ନେଇ ଦୁଇଦିନିଆ ବିପର୍ଯ୍ୟୟ ପ୍ରଶମନ କର୍ମଶାଳା ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବିପର୍ଯ୍ୟୟ ସମୟରେ କିଭଳି ଶୂନ୍ୟ ଜୀବନହାନି ହୋଇପାରିବ ସେ ସଂକ୍ରାନ୍ତରେ ପରାମର୍ଶ ଦେଇଛନ୍ତି। ଜିଲ୍ଲା ଜରୁରିକାଳୀନ ଅଧିକାରୀ ଅଭିଷେକ ସାହୁ କହିଛନ୍ତି, ବିପର୍ଯ୍ୟୟର ସଫଳ ମୁକାବିଲା ନିମନ୍ତେ ଏଭଳି ପ୍ରଶିକ୍ଷଣ ଶିବିର ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀଙ୍କୁ ବିଶେଷ ସହାୟକ ହେବ।

## ବିପର୍ଯ୍ୟୟ ମୁକାବିଲା

**ଢେଙ୍କାନାଳ** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଯୁଗ୍ମ ଉପଦେଷ୍ଟା ଡକ୍ଟର ଏସ୍.କେ. ଜେନା ଯୋଗଦେଇ ବିପର୍ଯ୍ୟୟ ପରିଚାଳନାର ଆଭିମୁଖ୍ୟ ଏବଂ ଯୋଜନା ଓ ମାର୍ଗଦର୍ଶିକା ସମ୍ପର୍କରେ ଅବଗତ କରାଇଥିଲେ।

## ଏକ ଭାରତ-ଶ୍ରେଷ୍ଠ ଭାରତ

**ଗଞ୍ଜାମ** ଜିଲ୍ଲା ଗୋପାଳପୁରସ୍ଥିତ ଗୋଳାବନ୍ଧ ଆର୍ମି ଏଡି କଲେଜ୍ ପରିସରରେ ଥିବା ପିଏମ୍‌ଶ୍ରୀ ଗୋପାଳପୁର କେନ୍ଦ୍ରୀୟ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ଏକ ଭାରତ-ଶ୍ରେଷ୍ଠ ଭାରତ' ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରିଗେଡିୟର ହେମନ୍ତ ସିଂ ମୁଖ୍ୟଅତିଥି ଭାବେ

ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର କ୍ଲଷ୍ଟରର ୯ଟି କେନ୍ଦ୍ରୀୟ ବିଦ୍ୟାଳୟର ୧୮୭ ଛାତ୍ରଛାତ୍ରୀ ଚିତ୍ରାଙ୍କନ, ସମୂହ ନୃତ୍ୟ ଆଦିରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ଅଧ୍ୟକ୍ଷ ବି.ଏନ୍. ଦାଶ ପୁରସ୍କୃତ କରିଥିଲେ।

## ପରଲୋକ

ଗୀତି ନାଟ୍ୟକାର ବିନୋଦ ପଶାୟତଙ୍କର ଆଜି ସକାଳେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ହୋଇଛି। ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ବ୍ୟକ୍ତ କରିବା ସହ ସମ୍ବଲପୁରୀ ସାହିତ୍ୟ କ୍ଷେତ୍ରରେ ସ୍ୱର୍ଗତଃ ପଶାୟତଙ୍କ ଅମୂଲ୍ୟ ଯୋଗଦାନ ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି।

ନାଟ୍ୟକାର ବିନୋଦ ପଶାୟତ ଗୀତିନାଟ୍ୟ ଓ କବିତା ଲେଖିବାରେ ସିଦ୍ଧହସ୍ତ ଥିଲେ। ୨୦୨୩ ମସିହା ଜାନୁୟାରୀ ମାସରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ଭୂଷିତ କରାଯାଇଥିଲା।

## ମହାତ୍ମା ଗାନ୍ଧୀ ଓଡ଼ିଶା ଗସ୍ତ

ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତର ଶତବାର୍ଷିକୀ ପୂରଣ ଅବସରରେ ଆଜି କଟକର ସ୍ୱରାଜ ଆଶ୍ରମରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି। ୧୯୨୫ ମସିହା ଅଗଷ୍ଟ ୧୯ ଓ ୨୦ ଦୁଇଦିନ ଧରି ଗାନ୍ଧିଜୀ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଏହି ଅବସରରେ ଏକ ଶାନ୍ତି ସଦ୍‌ଭାବନା ପଦଯାତ୍ରା ସ୍ୱରାଜ ଆଶ୍ରମରୁ ବାହାରି ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।

ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ନିମନ୍ତ୍ରଣ କ୍ରମେ ଜାତିର ପିତା ମହାତ୍ମା ଗାନ୍ଧୀ ଦ୍ୱିତୀୟ ଥର ପାଇଁ ଓଡ଼ିଶା ଗସ୍ତରେ ଆସିଥିଲେ ।

## ପ୍ରଳମ୍ବାସୁର ବଧ ବେଶ

**ପୁରୀ** ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କ ପ୍ରଳମ୍ବାସୁର ବଧ ବେଶ ଅନୁଷ୍ଠିତ ହେବ । ଭାଦ୍ରବ କୃଷ୍ଣ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଶ୍ରୀବଳଭଦ୍ର ପ୍ରଳମ୍ବାସୁରକୁ ବଧ କରୁଥିବା ବେଶରେ ସଜ୍ଜିତ ହେବେ । ଏହି ବେଶରେ ପ୍ରଭୁ ବଳଭଦ୍ରଙ୍କର ଏକ ହସ୍ତରେ ହଳ ଓ ଅନ୍ୟ ହସ୍ତରେ ମୁଷଳ ଶୋଭା ପାଇଥାଏ । ପ୍ରାୟ ୪ ଫୁଟ ଉଚ୍ଚତାର ଏକ କାଷ୍ଠ ନିର୍ମିତ ପ୍ରଳମ୍ବାସୁର ମୂର୍ତ୍ତି ରତ୍ନ ସିଂହାସନସ୍ଥିତ ବଳଭଦ୍ରଙ୍କ ନିମ୍ନ ଭାଗରେ ରଖାଯାଏ । ଅସୁରର ସ୍କନ୍ଧ ଓ ଭୂଜରେ ବଳଭଦ୍ର ବସିଥିବାଭଳି ଦୃଶ୍ୟ ଦେଖିବାକୁ ମିଳିଥାଏ । ଏହି ବେଶ ମଧ୍ୟାହ୍ନ ଧୂପ ପରେ ଆରମ୍ଭ ହୋଇ ସନ୍ଧ୍ୟା ଧୂପ ସରିବା ଯାଏ ରହିଥାଏ । ଏହି ବେଶରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କଲେ ଅଶେଷ ପୂଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି ।

## ପାଣିପାଗ

ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ,

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୧ଟି ଜିଲ୍ଲାରେ ବିଜୁଳି ଘଡଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।